ପ୍ରତିଦିନ

# ଆଇଆଇଟିରେ ଦୀକ୍ଷାନ୍ତ ସମାରୋହ



ଜଟଣୀ,୨୦।୧୦(ନିପ୍ର): ଜଟଣୀସ୍ଥିତ ଆଇଆଇଟି ଭୁବନେଶ୍ୱର ଠାରେ ଦଶମ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ଆଇଆଇଟି ର ୫୫୯ ଜଣ କୃତି ଛାତ୍ର ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯେଉଁମାନେ ଅନୁପସ୍ଥିତ ଥିଲେ ସେମାନଙ୍କୁ ଭର୍ଚୁଆଲ ମାଧ୍ୟମରେ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଏହି ଦୀକ୍ଷାନ୍ତ ଉତ୍ସବରେ ଇନଫୋସିସର ପ୍ରତିଷ୍ଠାତା ଏନ. ଆର. ନାରାୟଣ ମୂର୍ତ୍ତି ମୁଖ୍ୟ ଅତିଥି ଭାବେ ଏବଂ ଆଇଆଇଟି ବୋର୍ଡ ଅଫ ଗଭର୍ଣ୍ଣର ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ସିଂ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ । ଗୋଲ୍ଡ ମେଡାଲ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କମ୍ପୁଟର ସାଇନ୍ସରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ଦୀନେଶ ମହାନ୍ତିଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା । ସେହିପରି ଶିବମ ହୋଣ୍ଡା,ଶାଶ୍ୱତ ପଣ୍ଡା, ହିତେଶ ଗୁପ୍ତା ଯଥାକ୍ରମେ ମେକାନିକାଲ ଇଞ୍ଜିନିୟରିଂ, ମାନୁଫାକଚର ଇଞ୍ଜିନିଅରିଂ, ଆଟମୋସ୍ଫିୟର ଇଂଜିନିୟରିଂ କ୍ଷେତ୍ରରେ ଗୋଲଡ ମେଡାଲ ହାସଲ କରିଛନ୍ତି । ଏହି ଦୀକ୍ଷାନ୍ତ ସମାରୋହ ରେ ୩୫ ଜଣ ପିଏଚଡି, ୧୫୩ ଜଣ ଏମ.ଟେକ, ୭୯ ଜଣ ଏମ.ଏସ.ସି,୨୫୬ ଜଣ ବିଟେକ, ୩୬ ଜଣ ଡୁଆଲ ଡିଗ୍ରୀ ରେ କୃତିତ୍ୱ ଅର୍ଜନ କରିଛନ୍ତି । ସମସ୍ତ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଆଇଆଇଟି, ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜାକୁମାର ସମ୍ମାନିତ କରିଥିଲେ ।